To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ରବିନ୍ଦ୍ରନାଥ ଟାଗୁର ନୋବେଲ ପୁରସ୍କାରକୁ ପ୍ରତ୍ୟାଖାନ କରିଥିଲେ : ବିପ୍ଳବ ଦେବ



R.N.I. No.-42041/83 Vol-15, Issue No.306, ଭଦ୍ରକ, ଶନିବାର, ୧୨, ମଇ ୨୦୧୮ ■ Bhadrak, Saturday, 12 May 2018 Rs. 2.00 Pages-8

## ବଦଳିବ ମାଟ୍ରିକ୍ ପରୀକ୍ଷା ଢାଞ୍ଚା

- ହଟିବ ଓଏମ୍ଆର ସିଟ୍
- ସିବିଏସ୍ଇ ଢ଼ାଞ୍ଚାରେ ପରୀକ୍ଷା ହେବ
- ନୂଆ ଢ଼ାଞ୍ଚାକୁ ଚୂଡାନ୍ତ ରୂପରେଖ ଦେବା ପାଇଁ ଏକ କମିଟି ଗଠିତ
- ମାସକରେ ବିଦ୍ଧିବଦ୍ଧ ନିର୍ଦ୍ଦେଶ ନାମା



ଭୁବନେଶ୍ୱର, ୧୧।୫(ସକାଳଖବର) : -ଏଣିକି ନୂଆ ଢାଂଚାରେ ପରୀକ୍ଷା ଦେବେ ମାଟ୍ରିକ୍ ଛାତ୍ରଛାତ୍ରୀ। ବଦଳିବ ମାଟ୍ରିକ ପରୀକ୍ଷା ଢାଞ୍ଚା । ଆସନ୍ତା ବର୍ଷରୁ ସିବିଏସ୍ଇ ଢାଂଚାରେ ମାଟ୍ରିକ ପରୀକ୍ଷା କରାଯିବ। ସେଥିରେ ଓଏମ୍ଆର୍ ବ୍ୟବସ୍ଥା ରହିବନି। ଏହା ବଦଳରେ ପରୀକ୍ଷାର୍ଥୀ ୧୦ ମାର୍କ ଲେଖାଏଁ ୫ ପ୍ରକାର ପ୍ରଶ୍ନର ଉତର ଲେଖିବେ । ବର୍ତମାନ ଛାତ୍ରଛାତ୍ରୀ ଓଏମଆର ରେ ୫୦ ମାର୍କର ପରୀକ୍ଷା ଦେଉଛନ୍ତି । ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ପ୍ରଦୀପ୍ତ ମହାପାତ୍ର ଏହି ସୂଚନା ଦେଇଛନ୍ତି । ପୂର୍ବରୁ ଛାତ୍ରଛାତ୍ରୀମାନେ ଓଏମ୍ଆର ସିଟ୍ରେ ୫୦ଟି ପ୍ରଶ୍ନ ପାଇଁ ୫୦ ମାର୍କ ଥିଲା । ଅର୍ଥାତ୍ ଗୋଟିଏ ପ୍ରଶ୍ନ ପାଇଁ ୧ ମାର୍କ ନମ୍ବର ଦିଆଯାଉଥିଲା । ଏହାକୁ ବଦଳାଇବା ପାଇଁ ରାଜ୍ୟ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହାକୁ ବୁଦ୍ଧିଜୀବି ମହଲରେ ମଧ୍ୟ ସ୍ୱାଗତ କରାଯାଇଛି । ଏପରି ହେଲେ ପିଲାମାନଙ୍କର ବୌଦ୍ଧିକ ଜ୍ଞାନ ଆହୁରି ବୃଦ୍ଧି ହେବ ବୋଲି ମତାମତ ପ୍ରକାଶ ପାଇଛି । ଶ୍ରୀ ମହାପାତ୍ର କହିଛନ୍ତି ଯେ ନୂଆ ଢାଂଚାକୁ ଚୂଡ଼ାନ୍ତ ରୂପରେଖ ଦେବା ପାଇଁ ବୋର୍ଡ ସଭାପତି ଜାହାନ୍ ଆରା ବେଗମ୍ଙ୍କ ନେତୃତ୍ୱରେ କମିଟି ଗଠନ କରାଯାଇଛି। ଏଥିରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଗଣଶିକ୍ଷା ସଚିବ, ଜଣେ ବା ୨ ଜଣ ଡିଇଓ ଓ ୩ ଜଣ ଶିକ୍ଷାବିତଙ୍କ ସହିତ ୬ରୁ ୭ ଜଣ ସଦସ୍ୟ ରହିବେ। ଏହି କମିଟି ଗଠନର ମାସକ ମଧ୍ୟରେ ରିପୋର୍ଟ ଦେବା ପରେ ମାଟ୍ରିକ ପରୀକ୍ଷା ପାଇଁ ନୂଆ ଢାଂଚାର ରୂପରେଖ ଚୂଡ଼ାନ୍ତ ହେବ ବୋଲି ସେ କହିଛନ୍ତି ।

## ଅଭିନେତ୍ରୀ ଅନୀତା ଦାସଙ୍କ ହୃଦ୍ଘାତରେ ପରଲୋକ

ଭୁବନେଶ୍ୱର, ୧୧।୫(ସକାଳଖବର): ଓଡିଆ ସିନେ ଜଗତର ଅନ୍ୟତମ ବିଶିଷ୍ଟ ଅଭିନେତ୍ରୀ ଅନୀତା ଦାସଙ୍କ ପରଲୋକ ଘଟିଛି। ଆଜି ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ସମୟରେ କଟକର ସେଲଟର ଛକସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିବାର ସୂଚନା

### ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ

ମିଳିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ତାଙ୍କ ପୁତୁରା ଅଭିନେତା ତଥା ବିଧାୟକ ଆକାଶ ଦାସନାୟକଙ୍କ ସମେତ ତାଙ୍କର ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଶତାଧିକ ଓଡିଆ ଚଳଚିତ୍ରରେ ଅଭିନୟ କରିଥିଲେ ମଧ୍ୟ ମା ଚରିତ୍ରରେ ସେ ବେଶ୍ ଆଦୃତି ଲାଭ କରିପାରିଥିଲେ ।



ତାଙ୍କ ମୃତ୍ୟୁରେ ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁର ଖବର ପାଇ ବହୁ ଅଭିନେତା ଓ ଅଭିନେତ୍ରୀ କଟକସ୍ଥିତ ବାସଭବନରେ ପହଂଚି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ , କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, (ପୃଷ୍ଠା-୭)

### ମହାନଦୀରୁ ୪ ଶବ ଉଦ୍ଧାର ଘଟଣା

## ମୃତ ମହିଳାଙ୍କ ବାପା ଓ ଭାଇ ଥାନାରେ ଅଟକ

ଜଗତସିଂହପୁର, ୧୧।୫(ସକାଳଖବର): ଗତକାଲି କୁଜଙ୍ଗ ଅଂଚଳ ମହାନଦୀରୁ ୪ ମୃତଦେହ ଉଦ୍ଧାର ଘଟଣାରେ ଆଜି କୁଜଙ୍ଗ ପୋଲିସ ମୃତ ସ୍ୱାମି ବିଶ୍ୱମ୍ଭର (ଅନନ୍ତ) ସେଠୀଙ୍କ ପତ୍ନୀ ସ୍ୱର୍ଗତ ମାମାଲି ସେଠୀଙ୍କ ପିତା ଅକ୍ଷୟ ସେଠୀ (୬୦)ଙ୍କୁ ଥାନାକୁ ଡକାଇ ସାରା ଦିନ ପଚରା ଉଚରା କରୁଥିଲା ବେଳେ ପରେ ଅକ୍ଷୟର ପୁଅ କାଳିଆ ସେଠୀକୁ ମଧ୍ୟ ଆଜି ଅପରାହ୍ନରେ ପୋଲିସ ଅଟକ ରଖି ପଚରା ଉଚରା ଜାରି ରଖିଛି । ଆଜି ସକାଳୁ କୁଜଙ୍ଗ ଥାନାରେ ଜିଲ୍ଲା ଏସ୍.ପି. ଆର ପ୍ରକାଶ, ଜଗତସିଂହପୁର ଡି.ଏସ୍.ପି. ଅନିରୁଦ୍ଧ ରାଉତରାୟ, ପାରାଦ୍ୱୀପର ଅତିରିକ୍ତ ଏସ୍.ପି. ବିଷ୍ଣୁ ଚରଣ ମିଶ୍ର, ଡି.ଏସ୍.ପି. ଶିବ ମଲ୍ଲିକ ଓ ଥାନାର ଭାରପ୍ରାପ୍ତ ଅଧିକାରୀ ଦିଲ୍ଲିପ ସାହୁଙ୍କ ଦ୍ୱାରା ଗଠନ



କରାଯାଇଥିବା ଏକ ସ୍ୱତନ୍ତ୍ର ଟିମ୍ ଅକ୍ଷୟ ସେଠୀ ଓ ତାର ପୁଅ କାଳିଆ ସେଠୀକୁ ଘଟଣାକୁ ବାବଦରେ ପଚରା ଉଚରା ଚଳାଇଛନ୍ତି । ପୋଲିସ ପ୍ରଥମେ ଗତକାଲି ମାମାଲିଙ୍କ ପିତା ଅକ୍ଷୟଙ୍କ ଭାବ ଭଙ୍ଗୀ ଉପରେ ତିକ୍ଷ୍ଣ ନଜର ରଖିଥିଲା । କାରଣ ମୃତ ମାମାଲିଙ୍କ ସ୍ୱାମୀ ବିଶ୍ୱମ୍ଭର (ଅନନ୍ତ)ର ଦୁର୍ଘଟଣାଜନିତ ମୃତ୍ୟୁରେ ପାରାଦ୍ୱୀପ ଇଫକୋ କମ୍ପାନୀ ୩ଲକ୍ଷ ଟଙ୍କା ପତ୍ନୀ ମାମାଲିଙ୍କ ନାମରେ ପ୍ରଦାନ କରିଥିଲା । ମୃତ ବିଶ୍ୱମ୍ଭର ଇଫକୋ ସାର କମ୍ପାନୀରେ କର୍ମଚାରୀ ଥିଲେ । ଅନ୍ୟ ବାବଦରୁ ମଧ୍ୟ ମାମାଲି ନାମରେ ୩/୪ଲକ୍ଷ ଟଙ୍କା ଅନୁକମ୍ପା ରାଶି ମିଳିଥିଲା । ଏପରିକି (ପୃଷ୍ଠା-୭)

## ଜମିହୀନ ଭାଗଚାଷୀମାନଙ୍କୁ ୧ ପ୍ରତିଶତ ସୁଧରେ ମିଳିବ ଋଣ

- ଖରିଫ୍ ପାଇଁ ୭୨୦୦କୋଟି ଋଣ ଯୋଗାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ
- ପ୍ରତ୍ୟେକ ସମବାୟ ସମିତି ୧୦ଟି ଗ୍ରୁପ୍କୁ ଋଣ ଦେବା ପାଇଁ ବାଧ

ଭୁବନେଶ୍ୱର, ୧୧।୫(ସକାଳଖବର) :- ଏଣିକି ଜମିହୀନ ଭାଗଚାଷୀମାନଙ୍କୁ ସମବାୟ ବ୍ୟାଙ୍କ ମାଧ୍ୟମରେ ୧ ପ୍ରତିଶତ ସୁଧରେ ଋଣ ଯୋଗାଇ ଦିଆଯିବ। ଖରିଫ ଋତୁରୁ ଏହି ଋଣ ଆବଂଟନ କରାଯିବ । ଚଳିତ ଖରିଫ ପାଇଁ ସମୁଦାୟ ୭୨୦୦ କୋଟି ଟଙ୍କା ଋଣ ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି ।

ଏସମ୍ପର୍କରେ ସୂଚନା ଦେଇ ରାଜ୍ୟ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି ଯେ ଅନୁମୋଦିତ ହୋଇଥିବା ସମୁଦାୟ ଅର୍ଥ ମଧ୍ୟ ୧ ହଜାର କୋଟି ଟଙ୍କା ସମବାୟ ବ୍ୟାଙ୍କ ମାଧ୍ୟମରେ ଜମିହୀନ ଭାଗଚାଷୀଙ୍କୁ ଯେଉଁ ଋଣ




ଦିଆଯିବ ସେଥିପାଇଁ ଗ୍ରୁପ୍ ଗଠନ କରାଯିବ। ପ୍ରତ୍ୟେକ ଗ୍ରୁପ୍ ରେ ୫ ଜଣ ଚାଷୀ ରହିବେ । ପ୍ରତ୍ୟେକ ସମବାୟ ସମିତି ୧୦ଟି ଗ୍ରୁପ୍ କୁ ଋଣ ଦେବା ପାଇଁ ବାଧ୍ୟ ହେବେ । ପ୍ରତି ଗ୍ରୁପ୍ କୁ ୫୦ ହଜାର ଟଙ୍କା ଲେଖାଏଁ ଋଣ ଦିଆଯିବ। ରାଜ୍ୟରେ ସମୁଦାୟ ୨୭୦୩ଟି ସମବାୟ ସମିତି ରହିଛି। ପ୍ରତି ସମବାୟ ସମିତିରେ ୫୦ ଜଣ ଭାଗଚାଷୀ ରହିବେ । ସେ ଆହୁରି କହିଛନ୍ତି ଯେ ଚଳିତ ଖରିଫ ଋତୁରେ କୃଷି କାର୍ଯ୍ୟରେ ବ୍ୟବହୃତ ହେଉଥିବା ଆନୁସଙ୍ଗିତ ଯନ୍ତ୍ରପାତିର କ୍ରୟ ପାଇଁ ସୋସାଇଟି ମାଧ୍ୟମରେ ସୁଲଭ ଦରରେ ଯୋଗାଇ ଦିଆଯିବ ଏପରିକି ଭଡା ସୂତ୍ରରେ ମଧ୍ୟ ଯୋଗାଇ ଦିଆଯିବ। ପରୀକ୍ଷାମୂଳକ ଭାବେ ପ୍ରଥମେ ୧୦୦ଟି ସମବାୟ ସମିତି ଗୁଡିକରେ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

ଶ୍ରୀ ପାତ୍ର କହିଥିଲେ ଯେ ମୁଗ , ବିରି , ଡାଲି ଜାତୀୟ ତଥା ସୂର୍ଯ୍ୟମୂଖୀ ଇଦତ୍ୟାଦି ଖାଦ୍ୟ ଶସ୍ୟର ସବ୍ନ ନିମ୍ନ ସହାୟକ ଦର ମଧ୍ୟ ଧାର୍ଯ୍ୟ କରାଯାଇଛି। ଏହି ଧାର୍ଯ୍ୟ ମୂଲ୍ୟ ଠାରୁ କମ୍ ଦରରେ ବିକ୍ରି ହେଲେ ବିଭାଗ ଏହାକୁ ଠିକ୍ (ପୃଷ୍ଠା-୭)

## ଧର୍ମ ପରିବର୍ତ୍ତନ କରିବେ ବିଧାୟକ କୃଷ୍ଣଚନ୍ଦ୍ର ଶଗରିଆ

ଭୁବନେଶ୍ୱର, ୧୧।୫(ସକାଳଖବର) : କୋରାପୁଟର କଂଗ୍ରେସ ବିଧାୟକ କୃଷ୍ଣଚନ୍ଦ୍ର ଶଗରିଆ ଆସନ୍ତାକାଲି ଧର୍ମ ପରିବର୍ତନ କରିବେ। ଆସନ୍ତାକାଲି



ସପରିବାରରେ ସେ ହିନ୍ଦୁ ଧର୍ମ ଛାଡ଼ି ବୌଦ୍ଧ ଧର୍ମ ଗ୍ରହଣ କରିବେ। ଧର୍ମ ପରିବର୍ତନ ନେଇ ପୂର୍ବରୁ ସତ୍ୟପାଠ କରିସାରିଛନ୍ତି । କୋରାପୁଟ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ପାଖରେ ସେ ଓ ତାଙ୍କ ପରିବାର ଲୋକେ (ପୃଷ୍ଠା-୭)

## ଭୁବନେଶ୍ୱରରେ ସୀତାରାମ ୟେଚୁରୀ

ଭୁବନେଶ୍ୱର, ୧୧।୫(ସକାଳଖବର) :- ବିଜେପି ସରକାରରେ ଗରିବ ଗରିବ ହେଉଛି, ଧନୀ ଧନୀ ହେଉଛି ।ସଂପ୍ରତି ଦେଶ ଓ ଜନତାଙ୍କ ହିତ ପାଇଁ ବିଜେପିକୁ



ହଟାଇବା ଜରୁରୀ । ବିଜେପି ନହଟିଲେ ଭାରତ ସଂଘୀୟ ଦେଶ ଭାବେ ରହିବା ମୁସ୍କିଲ। କଂଗ୍ରେସ ସହିତ କୌଣସି ରାଜନୈତିକ ମଂଚରେ ଏକାଠି ହେବୁନାହିଁ ବୋଲି ସିପିଆଇଏମ୍ (ପୃଷ୍ଠା-୭)

## ଆଜି ଉଠିବ ରେଭେନ୍ସାରୁ ସାଇନ ଡାଏ

କଟକ, ୧୧।୫(ସକାଳଖବର) : ଶେଷରେ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଶୁକ୍ରବାର ଦିନ ସାଇନ ଏ ଡାଏ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନିଆଯାଇଛି । ଆସନ୍ତାକାଲି ସଂଧ୍ୟା ୫ଟା ପରେ ସାଇନ ଡାଏ ପ୍ରତ୍ୟାହାର ହେବ । ବିଭିନ୍ନ ଦାବି ହାସଲ ଲାଗି ରେଭେନ୍ସା ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଉଗ୍ରରୂପ ନେବାର ଆଶଙ୍କା କରି କର୍ତ୍ତୃପକ୍ଷ ମଙ୍ଗଳବାର ରାତିରେ ରେଭେନ୍ସାକୁ ସାଇନ ଏ ଡାଏ ଘୋଷଣା କରିଦେଇଥିଲେ । ପରୀକ୍ଷା ଋତୁରେ ସାଇନ ଏ ଡାଏ ଘୋଷଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା । ଏପରିକି ଛାତ୍ରଛାତ୍ରୀମାନେ କ୍ୟାମ୍ପସ ବାହାରେ ଅନଶନ ଆରମ୍ଭ କରିଦେଇଥିଲେ । ତେବେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେବାର ଆଶଙ୍କା କରି ଶେଷରେ ସାଇନ-ଏ-ଡାଏ ପ୍ରତ୍ୟାହାର



କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଶୁକ୍ରବାର ବିଶ୍ୱବିଦ୍ୟାଳୟ ରେସିଡେନ୍ସ କମିଟିର ବୈଠକ କୁଳପତି ପ୍ରଫେସର ଇସାନ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସେହିପରି କୁଳପତି ମଧ୍ୟ ଜିଲ୍ଲା ପ୍ରଶାସନ ସହିତ ଏନେଇ ଆଲୋଚନା କରିବା ପରେ ସାଇନ ଡାଏ ଉଠାଯିବା ପାଇଁ ଘୋଷଣା କରାଯାଇଥିଲା । ପୂର୍ବପରି ୧୭ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ପରୀକ୍ଷା ଅନୁଷ୍ଠିତ ହେବ ଓ ୨୨ତାରିଖରୁ ପିଜି ପ୍ରବେଶିକା ପରୀକ୍ଷା କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ମିଳିଥିବା ସୂଚନା ଅନୁସାରେ ଛାତ୍ରଛାତ୍ରୀଙ୍କ କେତେକ ଦାବିକୁ କର୍ତ୍ତୃପକ୍ଷ ମାନିନେଇଛନ୍ତି । ସାଇନ୍ ଡାଏ ପ୍ରତ୍ୟାହାର, ଜୁନ ୮ ତାରିଖ ପର୍ଯ୍ୟନ୍ତ ସମସ୍ତ ଅନ୍ତେବାସୀ ହଷ୍ଟେଲ୍ରେ ରହିପାରିବେ, ହଷ୍ଟେଲ ସିଟ୍ର ପୁନଃ ଆବଂଟନ ନକରିବା, ହଷ୍ଟେଲର ସମସ୍ତ ବର୍ଦ୍ଧିତ ଫିସ୍ (ପୃଷ୍ଠା-୭)

## ୨୪ ଘଣ୍ଟା ମଧ୍ୟରେ ଉପକୂଳ, ଆଭ୍ୟଅନ୍ତରୀଣ ଓଡିଶାରେ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୧୧।୫(ସକାଳଖବର) : ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶାର କେତେକ ଅଂଚଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଓ ପବନ ହୋଇପାରେ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା, କଟକ, ପୁରୀ, ଜଗତସିଂହପୁର, ଗଞ୍ଜାମ, ଗଜପତି, କନ୍ଧମାଳ ଓ ରାୟଗଡ଼ା ଆଦି ଜିଲ୍ଲାରେ କାଳବୈଶାଖୀ ଜନିତ ଝଡ଼ ପବନ ଓ କୁଆପଥର ବର୍ଷା ହେବାର ମଧ୍ୟ ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଏହି ସମସ୍ତ ଜିଲ୍ଲାର କେତେକ ସ୍ଥାନରେ ଘଂଟାପ୍ରତି ୫୦ରୁ ୬୦ କିଲୋମିଟର (ପୃଷ୍ଠା-୭)

## ପୋଲିସ୍ ଅଧିକାରୀଙ୍କ ଆତ୍ମହତ୍ୟା

ମୁମ୍ବାଇ, ୧୧।୫(ସକାଳଖବର): ମୁମ୍ବାଇ ପୋଲିସର ଏନକାଉଣ୍ଟର ସ୍ପେସାଲିଷ୍ଟ୍ ଆଇପିଏସ ଅଫିସର ହିମାଂଶୁ ରାୟ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ଆଜି ସେ ତାଙ୍କ ନିଜ



ସର୍ଭିସ୍ ରିଭଲଭରରୁ ଗୁଳି ଚଳାଇ ଆତ୍ମହତ୍ୟା କରିଛନ୍ତି । ନିଜ ସରକାରୀ ବାସଭବନରେ ସେ ଆତ୍ମହତ୍ୟା କରିଥିବା ଜଣାପଡିଛି ।

ପ୍ରଥମେ ଆହତ ହିମାଂଶୁ ରାୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନା ମୁତାବକ ହିମାଂଶୁ ନିଜ ମୁହଁ ମଧ୍ୟରେ ରିଭଲଭର ପୁରାଇ ଆତ୍ମହତ୍ୟା କରିଥିଲେ । ଏପର୍ଯ୍ୟନ୍ତ ଆତ୍ମହତ୍ୟାର କୌଣସି କାରଣ ଜଣାପଡିନାହିଁ ।

୧୯୮୮ କ୍ୟାଡରର ଆଇପିଏସ୍ ଅଧିକାରୀ ହିମାଂଶୁଙ୍କ ନାମ ୨୦୧୩ ମସିହାରେ ସ୍ପଟ୍ ଫିକ୍ସିଂ ମାମଲାରେ ଦାରା ସିଂଙ୍କ ଗିରଫ ପରେ ଚର୍ଚ୍ଚାକୁ ଆସିଥିଲା । ଏହା ସହ ଅଣ୍ଡରାଲ୍ଡ ଡନ୍ ଦାଉଦ୍ ଇବ୍ରାହିମର ଭାଇ ଇକବାଲ ଏବଂ ଡ୍ରାଇଭରକୁ ଏନକାଉଂଟର କରିବା ସହ ସାମ୍ବାଦିକ ଜେଡେ ହତ୍ୟା ମାମଲା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ସେ ତଦନ୍ତ କରୁଥିଲେ ।

କ୍ୟାନ୍ସରରେ ଥିଲେ ପୀଡିତ ପୂର୍ବ ଏଟିଏସ ମୁଖ୍ୟ ହିମାଂଶୁ ରାୟ କ୍ୟାନ୍ସର ରୋଗରେ ପୀଡିତ ଥିବା ଜଣାପଡିଛି । ୨୦୧୬ ମସିହା ଏପ୍ରିଲ ମାସରୁ ତାଙ୍କର ଚିକିତ୍ସା କରାଯାଉଥିଲା । ଏଟିଏସ ମୁଖ୍ୟ ରହିବା ସମୟରେ ହିମାଂଶୁ ପ୍ରଥମ ଥର ପାଇଁ ସାଇବର ସେଲ୍ ପ୍ରତିଷ୍ଠା କରିଥିଲେ ।



ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ



ହୁଣ୍ଡିର ଆୟ (୧୧.୫.୧୮)
୧,୯୩,୩୮୮

### ଥାନାରେ ଶାଶୂ ବୋହୂଙ୍କୁ ପିଟିବା ଘଟଣା

## ନିମାପଡା ଥାନା ଅଧିକାରୀ ନିଲମ୍ବିତ

ନିମାପଡା, ୧୧।୫(ସକାଳଖବର) : ଶାଶୂ ବୋହୂଙ୍କ କଳି ତୁଟାଇବାକୁ ଉଭୟଙ୍କୁ ଥାନାକୁ ଡାକି ପିଟିବା ଘଟଣାରେ ଆଜି ନିମାପଡା ଥାନା ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି ପୋଲିସ ଡିଜି ଆର.ପି. ଶର୍ମା । ପ୍ରାଥମିକ ତଦନ୍ତ ଭିତିରେ ଗତକାଲି ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡଃ. ସାର୍ଥକ ଷଡ଼ଙ୍ଗୀ ତାଙ୍କୁ ନିମାପଡା ଥାନାରୁ ଅପସାରଣ କରି ପୁରୀ ହେଡକ୍ୱାର୍ଟର୍ସକୁ ବଦଳି କରିଥିଲେ । ଏପରିକି ମାମଲାର ତଦନ୍ତ ଶେଷ ଯାଏଁ ସେ ପୁରୀ ହେଡକ୍ୱାର୍ଟର୍ସରେ କାମ କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ମୁତାବକ, ଗତ ୭ ତାରିଖ ଦିନ ଧିରପୁର ଦଳେଇ ସାହିର ଜଣେ ମହିଳା ରୀତା ପଲତା ତାଙ୍କ ଶାଶୂ ଘର ଲୋକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଥିଲେ । ତାଙ୍କର ଏତଲା କ୍ରମେ ପୋଲିସ ଶାଶୂ ବାସନ୍ତୀ ପଲତା (୭୪) ଓ ଦେଢ଼ଶୁରକୁ ଥାନାକୁ ଡାକି ଉଭୟ ପକ୍ଷ ମଧ୍ୟରେ ଆପୋଷ ସମାଧାନ କରିବାକୁ ଚେଷ୍ଟା କରିଥିଲା । କୌଣସି ସୁଫଳ ନମିଳିବାରୁ ଥାନା ଅଧିକାରୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାସନ୍ତୀ ଓ ତାଙ୍କ ପୁଅକୁ ଅଟକ ରଖିଥିଲେ । ପରେ ଘରେ କାହିଁକି ଗଣ୍ଡଗୋଳ କରୁଛ ବୋଲି କହି ଥାନା ଅଧିକାରୀ ଶ୍ରୀ ସ୍ୱାଇଁ ବାସନ୍ତୀ ଓ ତାଙ୍କ ବୋହୂ ରୀତାଙ୍କୁ (ପୃଷ୍ଠା-୭)

## ଜନକପୁର-ଅଯୋଧ୍ୟା ବସ୍ ଶୁଭାରମ୍ଭ କଲେ ମୋଦି

ନୂଆଦିଲ୍ଲୀ, ୧୧।୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇଦିନିଆ ନେପାଳ ଯାତ୍ରାରେ ଜନକପୁର ଠାରେ ପହଂଚିଛନ୍ତି । ସ୍ଥାନୀୟ ବିମାନ ବନ୍ଦର ଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରଧାନମନ୍ତ୍ରୀ ମୋଦି ଏଠାରୁ ସିଧା ବିଂଶ ଶତାର୍ବ୍ଦିରେ ନିର୍ମିତ ଜନକପୁରର ପ୍ରସିଦ୍ଧ ଜାନକୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ରାମାୟଣ ସମ୍ପର୍କିତ ଏବଂ ଜନକପୁର-ଅଯୋଧ୍ୟା ବସ୍ ସେବା ପାଇଁ ସବୁଜ ପତାକା ଦେଖାଇଥିଲେ । ଏହି ସମୟ ମଧ୍ୟରେ ସେ ପାରସ୍ପରିକ ବିଶ୍ୱାସ ସୃଷ୍ଟି ସଂକ୍ରାନ୍ତରେ ଶୀର୍ଷସ୍ତରୀୟ ନେତୃବର୍ଗଙ୍କ ସହ ଆଲୋଚନା କରିଥିଲେ । ଏହା ପରେ ବାରବିଘା ଗ୍ରାଉଣ୍ଡରେ ନେପାଳର



ଜନତାଙ୍କୁ ସମ୍ବୋଧିତ କରିଥିଲେ ମୋଦି । ପ୍ରଧାନମନ୍ତ୍ରୀ ମୋଦି ନେପାଳ ଭାରତ ସମ୍ପର୍କକୁ ଦୋହରାଇବା ସହ ନେପାଳ ବିନା ଆମର ଧାମ ଅଧୁରା ଓ ରାମ ଅଧୁରା ବୋଲି ମତବ୍ୟକ୍ତ କରିଥିଲେ । ବସ୍ ସେବାକୁ ସବୁଜ ପତାକା ଦେଖାଇ ମୋଦି କହିଲେ ଯେ ରାମାୟଣ ସର୍କିଟ ଭାରତ ଏବଂ ନେପାଳ ଦୁଇ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହା (ପୃଷ୍ଠା-୭)

## ବୃଦ୍ଧଙ୍କୁ ହାତୀ ଦଳିଦେଲା

ରାଉରକେଲା, ୧୧।୫(ସକାଳଖବର): ରାଉରକେଲା ବିଶ୍ରା ରେଞ୍ଜ ଅନ୍ତର୍ଗତ ବାଗଡିହୀ ଜଙ୍ଗଲରେ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଉଛନ୍ତି ସମା ଓରାମ (୭୦) । ଆଜି ସକାଳେ ସେ ଶାଳ ପତ୍ର ତୋଳିବାକୁ ଘର ପଛ ପାର୍ଶ୍ୱ ଜଙ୍ଗଲକୁ ଯାଇଥିବା ବେଳେ ଏକାକୀ ପାଇ ଏକ ହାତୀ ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ଜଙ୍ଗଲ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଁଚି ମୃତକଙ୍କ ପରିବାରକୁ ସରକାରୀ ସହାୟତା ଘୋଷଣା କରିବା ସହ ସମ୍ପୃକ୍ତ ଅଂଚଳରୁ ହାତୀ ମାନଙ୍କୁ ଘଉଡାଇବା କାର୍ଯ୍ୟ ଆରମ୍ଭ କରିଛନ୍ତି । (ପୃଷ୍ଠା-୭)

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**